ISSN: 2456-9194, Vol. II, Issue. I, June 2018

ପ୍ରତ୍ୟୟ

(Journal of Odia Language, Culture and Science)

JournalHomepage: http://cphfs.in/research.php



# ଓଡ଼ିଆ ଭାଷା ଆନ୍ଦୋଳନରେ ସମ୍ବଲପୁରର ଭୂମିକା

**ଡକ୍ଟର ସୁଶୀଳ କୁମାର ବାଗ୍**

ପ୍ରାଧ୍ୟାପକ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,

ଲେଣ୍ଡା,ବରପାଲି, ବରଗଡ଼ - ୨୯

Email: drskbag1976@gmail.com

***ସଂକ୍ଷିପ୍ତ ସାର*** - *ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ କଥା ଉଠିଲେ ପ୍ରଥମେ ଆମ ମନକୁ ସମ୍ବଲପୁର କଥା ଆସେ। ସମ୍ବଲପୁରର ସଚେତନ ନାଗରିକଗଣ ସମ୍ବଲପୁରରେ ଓଡ଼ିଆ ଭାଷା ଉଚ୍ଛେଦ କରି ହିନ୍ଦୀ ଭାଷା ପ୍ରଚଳନର ଚକ୍ରାନ୍ତ ସଂପର୍କରେ ବିଦ୍ରୋହର ସ୍ୱର ଉତ୍ତୋଳିତ କରିଥିଲେ । ଏଥିପାଇଁ ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃପ୍ରଚଳନ ପାଇଁ ୧୯୦୧ ମସିହା ଜୁଲାଇ ମାସରେ ସମ୍ବଲପୁରରୁ ଏକ ଚାରି ଜଣିଆ ପ୍ରତିନିଧି ଦଳ ମଧ୍ୟପ୍ରଦେଶର ରାଜଧାନୀ ନାଗପୁରକୁ ଯାଇଥିଲେ । ୧୯୦୩ ମସିହାରେ ସମ୍ବଲପୁରରେ ଓଡ଼ିଆ ଭାଷା ଆନ୍ଦୋଳନ ସଫଳ ହେଲା ଓ ସେହି ବର୍ଷ ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃପ୍ରଚଳନ ହୋଇଥିଲା ।*

**ପ୍ରମୁଖ ଶବ୍ଦାବଳୀ (**Keywords) - 'ସମ୍ବଲପୁର', '*ଓଡ଼ିଆ* ଭାଷା ଆନ୍ଦୋଳନ', 'ପୁନଃପ୍ରଚଳନ', 'ସମ୍ବଲପୁର ହିତୈଷିଣୀ', 'ଭଦ୍ରଲୋକ'।

ଓଡ଼ିଆ ଏକ ସ୍ୱୟଂ ସଂପୂର୍ଣ୍ଣ ଭାଷା । ଓଡ଼ିଆ ଭାଷା, ସାହିତ୍ୟ ଆଜି ବେଶ୍ ସମୃଦ୍ଧଶାଳୀ । ଏହାର ରହିଛି ଏକ ସୁଦୀର୍ଘ ଇତିହାସ । ବହୁ କବି, ଲେଖକଙ୍କ ଲେଖନୀରେ ଆମ ଭାଷା, ସାହିତ୍ୟ ହୋଇଛି ଋଦ୍ଧିମନ୍ତ ଓ ବିକାଶଶୀଳ । ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାଷାର ମାନ୍ୟତା ଦେବା ପାଇଁ ତତ୍କାଳୀନ ବହୁ ଭାଷା ଓ ସାହିତ୍ୟ ପ୍ରେମୀ ଚଳାଇଥିଲେ ଆନ୍ତରିକ ଓ ନିଷ୍ଠାପର ଉଦ୍ୟମ । ଏପରିକି ଓଡ଼ିଶାର କେତେକ ଅଞ୍ଚଳରେ ଓଡ଼ିଆ ଭାଷାକୁ ଉଚ୍ଛେଦ କରିବାକୁ ଚକ୍ରାନ୍ତ ଚାଲିଥିଲା । ଓଡ଼ିଶାରେ ଓଡ଼ିଆ ଭାଷା ବ୍ୟତୀତ ବିଭିନ୍ନ ଆଞ୍ଚଳିକ ଭାଷା ପ୍ରଚଳିତ । ତେବେ, ଓଡ଼ିଆ ଭାଷାକୁ ଆଞ୍ଚଳିକତାର ଊର୍ଦ୍ଧ୍ୱରେ ସମସ୍ତେ ସମ୍ମାନ ଦିଅନ୍ତି । ଏହି ଭାଷାକୁ ବଞ୍ଚାଇ ରଖିବାକୁ ଅନେକ ଲେଖକ ନିରବଚ୍ଛିନ୍ନ ଭାବେ ଲେଖନୀ ଚାଳନା କରିଆସୁଛନ୍ତି । ତେଣୁ, ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିସାରିଛି।

ଊନବିଂଶ ଶତାବ୍ଦୀରେ ସଂକଟ ଦେଇ ଗତି କରୁଥିଲା ଓଡ଼ିଆ ଭାଷାର । ଓଡ଼ିଆ ଭାଷାର ସୁରକ୍ଷା ନେଇ ଚିନ୍ତିତ ହୋଇପଡ଼ିଥିଲେ ଓଡ଼ିଶାର ବୁଦ୍ଧିଜୀବୀ, ସାହିତ୍ୟିକମାନେ । ଓଡ଼ିଶାରୁ ଓଡ଼ିଆ ଭାଷାର ଉଚ୍ଛେଦ ଓ ବିଲୋପ ପାଇଁ କିଛି ସରକାରୀ କର୍ମଚାରୀ ଓ ଅଣଓଡ଼ିଆ ଭାଷାଭାଷୀ ଲୋକେ ଉଦ୍ୟମ କରୁଥିଲେ । ବାଲେଶ୍ୱର ଜିଲ୍ଲା ସ୍କୁଲର ବଙ୍ଗାଳୀ ଶିକ୍ଷକ କାନ୍ତିଚନ୍ଦ୍ର ଭଟ୍ଟାଚନ୍ଦ୍ର ଭଟ୍ଟାଚାର୍ଯ୍ୟ "ଉଡ଼ିୟା ଏକଟା ସ୍ୱତନ୍ତ୍ର ଭାଷା ନୟେ" ବୋଲି ମନ୍ତବ୍ୟ ଦେଇଥିଲେ । ଶ୍ରୀ ଭଟ୍ଟାଚାର୍ଯ୍ୟଙ୍କ ଏଭଳି ମନ୍ତବ୍ୟ ତୀବ୍ର ଆଘାତ ଦେଇଥିଲା ସ୍ୱାଭିମାନୀ ଓଡ଼ିଆଙ୍କୁ । ତେଣୁ ଏହାରି ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା ସେତେବେଳେ । ଶ୍ରୀ ଭଟ୍ଟାଚାର୍ଯ୍ୟଙ୍କ ଏଭଳି ବେପରୁଆ ଓ ଖାମଖିଆଲି ମନ୍ତବ୍ୟକୁ ତୀବ୍ର ପ୍ରତିବାଦ କରିଥିଲେ ଓଡ଼ିଶାର ବହୁ ବୁଦ୍ଧିଜୀବୀ, ଲେଖକ । ସେତେବେଳେ ଓଡ଼ିଆ ଭାଷାକୁ ସ୍କୁଲ, କଚେରୀ ଆଦି ସରକାରୀ କାଗଜପତ୍ରରୁ ଉଠାଇ ନେବାକୁ କିଛି ବଙ୍ଗାଳୀ କର୍ମଚାରୀ ଓ ସରକାରୀ କର୍ମଚାରୀ ହୀନଚକ୍ରାନ୍ତ କରୁଥିଲେ । ତେଣୁ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ମୁଣ୍ଡ ଟେକିଲା ଭାଷା ଆନ୍ଦୋଳନ ।

ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ କଥା ଉଠିଲେ ପ୍ରଥମେ ସ୍ୱତଃ ମନେ ସମ୍ବଲପୁର କଥା । ୧୮୬୨ ମସିହାରେ ସମ୍ବଲପୁର ଜିଲ୍ଲା ଥିଲା ମଧ୍ୟପ୍ରଦେଶ ଶାସନାଧୀନ । ସେତେବେଳେ ସମ୍ବଲପୁରରେ ଓଡ଼ିଆ ଭାଷାକୁ ଉଚ୍ଛେଦ କରିବା ପାଇଁ ସରକାରୀ ସ୍ତରରେ ଚାଲିଥିଲା ଉଦ୍ୟମ । ୧୮୯୫ ଜାନୁଆରୀ ୧୯ ତାରିଖରେ ସମ୍ବଲପୁରରେ ଓଡ଼ିଆ ଭାଷା ଉଚ୍ଛେଦ କରାଯାଇ ସମସ୍ତ ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷା ପ୍ରଚଳନ ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ମଧ୍ୟପ୍ରଦେଶର ତତ୍କାଳୀନ ଚିଫ୍ କମିଶନର ସାର୍ ଜନ୍ ଉଡ଼ବର୍ଣ୍ଣ ଏହି ଘୋଷଣାନାମା ପ୍ରକାଶ କରିଥିଲେ । ଏଭଳି ଘୋଷଣାନାମା ପ୍ରକାଶ ପାଇବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ

ପାଇଥିଲା ସମ୍ବଲପୁରର ବୁଦ୍ଧିଜୀବୀ, ସାହିତ୍ୟପ୍ରେମୀଙ୍କ ଭିତରେ । ସେତେବେଳେ 'ସମ୍ବଲପୁର ହିତୈଷିଣୀ'ରେ ଓଡ଼ିଆ ଭାଷାକୁ ଉଚ୍ଛେଦ କରି ହିନ୍ଦୀ ଭାଷା ପ୍ରଚଳନ ଘୋଷଣାନାମାର ପ୍ରତିବାଦ ସଂପର୍କିତ ଖବର ପ୍ରକାଶ ପାଇଲା । ଆରମ୍ଭ ହେଲା ଆନ୍ଦୋଳନର ସୂତ୍ରପାତ । ୧୮୯୫ ଜୁନ୍ ୧୩ ତାରିଖରେ ସମ୍ବଲପୁରରେ ଆୟୋଜିତ ହେଲା ଏକ ବିରାଟ ପ୍ରତିବାଦ ସଭା । ସମ୍ବଲପୁରରେ ଓଡ଼ିଆ ଭାଷାର ଉଚ୍ଛେଦ ପ୍ରତିବାଦରେ ଏକତ୍ରିତ ହେଲେ ସମ୍ବଲପୁରର ବହୁ ବୁଦ୍ଧୀଜୀବୀ, ସାହିତ୍ୟପ୍ରେମୀ । ଏହି ପ୍ରତିବାଦ ସଭାରେ ଅଧ୍ୟକ୍ଷତା କରିଥିଲେ ସମ୍ବଲପୁରର ଧରଣୀ ଧର ମିଶ୍ର । ସମ୍ବଲପୁରରେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ଏହା ହିଁ ଥିଲା ପ୍ରଥମ ପଦଧ୍ୱନି । ଓଡ଼ିଆ ଭାଷା ସୁରକ୍ଷା ପ୍ରତି ସମ୍ବଲପୁରୀବାସୀଙ୍କ ଆନ୍ତରିକ ଉଦ୍ୟମ ଓ ସଚେତନତା ସେତେବେଳେ ଓଡ଼ିଶାର ବୁଦ୍ଧିଜୀବୀ, କବି, ଲେଖକଙ୍କ ପାଇଁ ଥିଲା ଅତ୍ୟନ୍ତ ପ୍ରେରଣାପ୍ରଦ ।

ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃପ୍ରଚଳନ ପାଇଁ ଜନସାଧାରଣଙ୍କୁ ସଚେତନ କରାଗଲା । କିଭଳି ଏହି ଅଞ୍ଚଳରେ ହିନ୍ଦୀ ଭାଷା ପରିବର୍ତ୍ତେ ପୁଣି ଓଡ଼ିଆ ଭାଷା ପ୍ରଚଳନ ହେବ ସେଥିପାଇଁ ସମ୍ବଲପୁରର ସଚେତନ ନାଗରିକମାନେ ଉଦ୍ୟମ ଆରମ୍ଭ କଲେ । ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃପ୍ରଚଳନ ଦାବିରେ ୧୯୦୧ ମସିହା ଜୁଲାଇ ମାସରେ ସମ୍ବଲପୁରରୁ ଏକ ଚାରି ଜଣିଆ ପ୍ରତିନିଧ ଦଳ ଯାଇଥିଲେ ମଧ୍ୟପ୍ରଦେଶର ରାଜଧାନୀ ନାଗପୁରକୁ । ଆଉ ମଧ୍ୟପ୍ରଦେଶର ତତ୍କାଳୀନ ଚିଫ୍ କମିଶନର୍ ସାର୍ ଆଣ୍ଡ୍ରିଉ ଫ୍ରେଜର୍ ଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଏହି ସ୍ମାରକପତ୍ରରେ ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃ ପ୍ରଚଳନ କରିବା ପାଇଁ ଦାବି କରାଯାଇଥିଲା । ସମ୍ବଲପୁରକୁ ନାଗପୁର ଯାଇଥିବା ପ୍ରତିନିଧି ଦଳରେ ସାମିଲ ଥିଲେ ମହନ୍ତ ବିହାରୀ ଦାସ, ବ୍ରଜମୋହନ ପଟ୍ଟନାୟକ, ମଦନ ମୋହନ ମିଶ୍ର ଏବଂ ବଳଭଦ୍ର ସୂପକାର । " ଚିଫ୍ କମିଶନର ଏହି ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଲେ ଯେ ସମ୍ବଲପୁରବାସୀମାନଙ୍କର ଭାଷା ପରିବର୍ତ୍ତନଜନିତ ଦୁଃଖ ସେ ସ୍ୱୟଂ ଗଭର୍ଣ୍ଣର ଜେନେରାଲଙ୍କୁ ଜଣାଇବେ । ଏହି ପ୍ରତିନିଧିମାନେ ଫ୍ରେଜର ସାହେବଙ୍କର ଅପରିଚିତ ନ ଥିଲେ । ମିଷ୍ଟର ଫ୍ରେଜର ସମ୍ବଲପୁର ଭାଷା ପରିସ୍ଥିତି ସମସ୍ୟା ବିଷୟରେ ଆଗରୁ ଜାଣିଥିଲେ । ଜଣଗଣନା ସମୟରେ ଉପୁଜି ଥିବା ପ୍ରଶାସନିକ ସମସ୍ୟା ମଧ୍ୟ ସେ ଜଣାଇଥିଲେ । ଇତି ମଧ୍ୟରେ ସମ୍ବଲପୁର ଜିଲ୍ଲା ଓ ନିକଟବର୍ତ୍ତୀ ଗଡ଼ଜାତମାନଙ୍କରେ ଓଡ଼ିଆ ଭାଷାଭାଷୀଙ୍କ ସଂଖ୍ୟା ବିଷୟରେ ସମସ୍ତ ତଥ୍ୟ ସେତେବେଳେ ତାଙ୍କର ହସ୍ତଗତ ହୋଇଥିଲା ।" (୧ତେବେ ଏତିକିରେ ( ବନ୍ଦ ହୋଇଯାଇନଥିଲା ସମ୍ବଲପୁରରଭାଷା ଆନ୍ଦୋଳନ ।

ଧୀରେଧୀରେ ସମ୍ବଲପୁରରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଆନ୍ଦୋଳନ ତେଜିବାରେ ଲାଗିଲା । ୧୯୦୧ ଜନଗଣନାରେ ମଧ୍ୟ ଏହା ବେଶ୍ ପ୍ରଭାବ ପକାଇଥିଲା । ଜନଗଣନା ଦାୟିତ୍ୱରେ ଥିବା ବୈକୁଣ୍ଠନାଥ ପୂଜାରୀଙ୍କ ଓଡ଼ିଆ ଭାଷା ପ୍ରତି ଥିଲା ଗଭୀର ମମତା । ସେ ଜନଗଣନା ସମୟରେ ଓଡ଼ିଆ ଭାଷାର ମହତ୍ତ୍ୱ ସଂପର୍କରେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରାଉଥିଲେ । ଆଉ ଓଡ଼ିଆ ଭାଷା ପ୍ରଚଳନ ସପକ୍ଷରେ ଯୁକ୍ତି ବାଢ଼ିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଉଥିଲେ । ଜନସାଧାରଣଙ୍କ ଉପରେ ଶ୍ରୀଯୁକ୍ତ ପୂଜାରୀଙ୍କ କଥାର ପ୍ରଭାବ ପଡୁଥିଲା । ହିନ୍ଦୀ ଭାଷା ପ୍ରଚଳନ ସପକ୍ଷରେ ଥିବା ସରକାରୀ କର୍ମଚାରୀଙ୍କୁ ମଧ୍ୟ ସେ ଭ୍ରୁକ୍ଷେପ କରୁନଥିଲେ । ଜନଗଣନା ସମୟରେ ସରକାରୀ କର୍ମଚାରୀମାନେ ଭାଷାକୁ ନେଇ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏହି ଜନଗଣନା ସମୟରେ ସମ୍ବଲପୁର ଜିଲ୍ଲା ସହିତ ପ୍ରଶାସନିକ ଭାବରେ ଜଡ଼ିତ ଅନ୍ୟ ଅଞ୍ଚଳର ମୋଟ ଲୋକସଂଖ୍ୟାର ଶତକଡ଼ା ୮୭ ଭାଗ ଓଡ଼ିଆ ଭାଷାଭାଷୀ ଲୋକ ଥିବା ଜଣାପଡ଼ିଥିଲା । ଫଳରେ ଏହା ପ୍ରମାଣିତ ହେଉଥିଲା ଯେ ସରକାର ବାଧ୍ୟବାଧକତାରେ ସମ୍ବଲପୁର ଜିଲ୍ଲାର ଜନସାଧାରଣଙ୍କ ଉପରେ ହିନ୍ଦୀ ଭାଷା ଲଦି ଦେଉଛନ୍ତି । ଆଉ ଜୋର୍ ଜବରଦସ୍ତ ଏହି ଅଞ୍ଚଳରୁ ଓଡ଼ିଆ ଭାଷାକୁ ଉଚ୍ଛେଦ କରି ହିନ୍ଦୀ ଭାଷା ପ୍ରଚଳନ ପାଇଁ ହୀନ ଚକ୍ରାନ୍ତ କରୁଛନ୍ତି । ମଧ୍ୟପ୍ରଦେଶ ସରକାରଙ୍କ ଏହି ହୀନ ଉଦ୍ଦେଶ୍ୟ ସଂପର୍କରେ ଧୀରେଧୀରେ ସମ୍ବଲପୁର ଜନସାଧାରଣ ସଚେତନ ହେଲେ ଓ ବିରୋଧ ଆରମ୍ଭ କଲେ ।

ସେପଟେ ବଡ଼ଲାଟ ଲର୍ଡ କର୍ଜନଙ୍କୁ ଭେଟିବାକୁ ଯୋଜନା କଲେ ସମ୍ବଲପୁର ସଚେତନ ବୁଦ୍ଧିଜୀବୀ । ୧୯୦୧ ମସିହା ସେପ୍ଟେମ୍ବର ମାସରେ ଶିମିଳାରେ ରହୁଥିବା ବଡ଼ଲାଟ ଲର୍ଡ କର୍ଜନଙ୍କୁ ଏକ ସ୍ମାରକପତ୍ର ଦେବାକୁ ଶିମିଳା ଯାତ୍ରା କରିଥିଲେ ଏକ ପ୍ରତିନିଧି ଦଳ । ମହନ୍ତ ବିହାରୀ ଦାସ, ବ୍ରଜମୋହନ ପଟ୍ଟନାୟକ, ମଦନ ମୋହନ ମିଶ୍ର ଏବଂ ବଳଭଦ୍ର ସୂପକାରଙ୍କ ସହ ପରେ ଏହି ଦଳରେ ସାମିଲ ହୋଇଥିଲେ ଶ୍ରୀପତି ମିଶ୍ର । ଏହି ପାଞ୍ଚ ଜଣିଆ ଦଳ ଶିମଳାରେ ପହଞ୍ଚି ବଡ଼ଲାଟ ଲର୍ଡ କର୍ଜନଙ୍କୁ ସାକ୍ଷାତ କରିବା ଉଦ୍ଦେଶ୍ୟରେ ପ୍ରଥେମ ଭେଟିଥିଲେ ଚିଫ୍ କମିଶନର ସେକ୍ରେଟାରୀ ମିଷ୍ଟର ଏଇଏ ,କ୍ରମ୍ପଙ୍କୁ । କିନ୍ତୁ .ଏ.ସେଇ ସମୟରେ ମିଷ୍ଟର ଫ୍ରେଜର କିମ୍ବା ବଡ଼ଲାଟଙ୍କ ସହିତ ସେମାନଙ୍କର ଆଉ ସାକ୍ଷାତ ହୋଇପାରିନଥିଲା । ଫଳରେ ଏହି ପାଞ୍ଚ ଜଣିଆ ପ୍ରତିନିଧି ଦଳ ସମ୍ବଲପୁର ଫେରି ଆସିଥିଲେ । ତେବେ ଶିମଳା ଯାତ୍ରା ଅନୁଭୂତି ଥିଲା ଅତ୍ୟନ୍ତ ଦୁର୍ଲଭ । କାରଣ ସେତେବେଳେ ଶିମଳା ଯିବା ଥିଲା ବହୁ କଷ୍ଟକର ଓ ବିପଦଜ୍ଜନକ । ଶିମଳା ଯାତ୍ରାର ରୋମାଞ୍ଚକର ଅନୁଭୂତି ସଂପର୍କରେ ଅତି ଚମତ୍କାର ଭାବରେ ବର୍ଣ୍ଣନା କରାଯାଇଛି ଶ୍ରୀପତି ମିଶ୍ରଙ୍କ ରଚିତ 'ଶିମଳା ଯାତ୍ରା' ପୁସ୍ତକରେ ।

ମାତୃଭାଷାର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ବ୍ରଜମୋହନ ପଟ୍ଟନାୟକ, ବଳଭଦ୍ର ସୁଆର, ମଦନମୋହନ ମିଶ୍ର, ମହନ୍ତ ମହାରାଜ ବିହାରୀ ଦାସ, ଶ୍ରୀପତି ମିଶ୍ରଙ୍କ ଶିମଳା ଯାତ୍ରା ଯେ ବିଫଳ ହୋଇଥିଲା ତା' ନୁହେଁ । ସେମାନଙ୍କ ପରିଶ୍ରମ ଓ ଉଦ୍ଦେଶ୍ୟ ଯେ ବ୍ୟର୍ଥ ଗଲା ସେଭଳି ନୁହେଁ । ବରଂ, ସମ୍ବଲପୁରରେ ଓଡ଼ିଆ ଭାଷାର ପ୍ରଚଳନ ଗୁରୁତ୍ୱକୁ ହୃଦୟଙ୍ଗମ କରିଥିଲେ ଚିଫ୍ କମିଶନର। ତେଣୁ, କିଛି ଦିନ ପରେ ସ୍ୱୟଂ ଚିଫ୍ କମିଶନର୍ ମିଷ୍ଟର ଆଣ୍ଡ୍ରିଉ ଫ୍ରେଜର୍ ସମ୍ବଲପୁର ଆସିଥିଲେ । ଆଉ ସମ୍ବଲପୁରରେ ପୁଣି ଓଡ଼ିଆ ଭାଷା ପ୍ରଚଳନ ପାଇଁ ଭାରତ ଗଭର୍ଣ୍ଣମେଣ୍ଟଙ୍କ ନିକଟକୁ ରିପୋର୍ଟ ପ୍ରେରଣ କରିବା ପାଇଁ ସହରର ବୁଦ୍ଧୀଜୀବୀ ଓ ଭଦ୍ରଲୋକଙ୍କ ସମ୍ମୁଖରେ ଘୋଷଣା କରିଥିଲେ ।

ସମ୍ବଲପୁର ସଚେତନ ନାଗରିକଙ୍କ ଭାଷା ଆନ୍ଦୋଳନ ପୂର୍ବରୁ ପଶ୍ଚିମାଞ୍ଚଳର କବି, ଲେଖକଙ୍କ ଲେଖାରେ ସମ୍ବଲପୁରରେ ଓଡ଼ିଆ ଭାଷା ଉଚ୍ଛେଦ କରି ହିନ୍ଦୀ ଭାଷା ପ୍ରଚଳନର ଚକ୍ରାନ୍ତ ସଂପର୍କରେ ବିଦ୍ରୋହର ସ୍ୱର ଉତ୍ତୋଳିତ ହୋଇସାରିଥିଲା। 'ସମ୍ବଲପୁର ହିତୈଷିଣୀ'ର ୧୮୯୪ ମସିହା ଅକ୍ଟୋବର ୩ ତାରିଖ ସଂଖ୍ୟାରେ ପ୍ରକାଶିତ ସ୍ୱଭାବକବି ଗଙ୍ଗାଧର ମେହେର ' ଭାରତୀ ରୋଦନ' କବିତା ଚହଳ ସୃଷ୍ଟି କରିଥିଲା ପାଠକ

ମହଲରେ । 'ଭାରତୀ ରୋଦନ' କବିତାରେ ସମ୍ବଲପୁରବାସୀଙ୍କ ହୃଦୟର ବେଦନା ପ୍ରତିଫଳିତ । ସମ୍ବଲପୁର ଜିଲ୍ଲା ରାଜକାର୍ଯ୍ୟରେ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦୀ ପ୍ରଚଳନ ପ୍ରସ୍ତାବରେ କବିପ୍ରାଣର କ୍ଷୋଭକ୍ତି ଅତି ଜୀବନ୍ତ ଭାବରେ ପ୍ରକାଶ ପାଇଛି 'ଭାରତୀ ରୋଦନ' କବିତାରେ । କବି ଗଙ୍ଗାଧରଙ୍କ ଭାଷାରେ - :

ଉତ୍କଳ ଭାରତୀ ରୋଦନ କରୁଛି
କାତରେ ସମ୍ବଲପୁରେ,
ସେ ବିକଳ ଧ୍ୱନି କର୍ଣ୍ଣରେ ପଡ଼ିଲେ
ନୟନେ ଲୋତକ ପୂରେ ।
X X X
ହିନ୍ଦୀ ସରସ୍ୱତୀ ମୋଛାତିରେ ବସି
କରିବ ପରା ରାଜତ୍ୱ,
ମୋ ଆଶା କାନନ ଭସ୍ମରାଶି ହେବ
ତା ନବ ଉଦ୍ୟାନେ ଖତ ।(୨)

ସେହିପରି ଗଙ୍ଗାଧର ମେହେରଙ୍କ ରଚିତ 'ଉତ୍କଳ ଭାରତୀଙ୍କ ରୋଦନ' କବିତା ମଧ୍ୟ ସେତେବେଳେ ସମ୍ବଲପୁର ସ୍ୱାଭିମାନ ରକ୍ଷା ଓ ଓଡ଼ିଆ ଭାଷା ସୁରକ୍ଷା ପାଇଁ ଜନଜଗରଣରେ ସୃଷ୍ଟିରେ ଅତ୍ୟନ୍ତ ପ୍ରେରଣା ଦେଇଥିଲା ଅଞ୍ଚଳବାସୀଙ୍କୁ ।

୧୯୦୩ରେ ସଫଳ ହେଲା ସମ୍ବଲପୁରରେ ଓଡ଼ିଆ ଭାଷା ଆନ୍ଦୋଳନ । ଫଳରେ ସେହି ବର୍ଷ ସମ୍ବଲପୁରରେ ପୁନଃପ୍ରଚଳନ ହେଲା ଓଡ଼ିଆ ଭାଷା । ସମ୍ବଲପୁରରେ ଓଡ଼ିଆ ଭାଷା ଆନ୍ଦୋଳନ ସଂପର୍କରେ ଡକ୍ଟର ହରେକୃଷ୍ଣ ମହତାବ କହନ୍ତି "ସମ୍ବଲପୁରରେ ଓଡ଼ିଆ ଭାଷାର ପ୍ରବର୍ତ୍ତନ ପାଇଁ ସମ୍ବଲପୁର ନିଜେ ହିଁ ନେତୃତ୍ୱ ନେଇଛି । ସେ ନେତୃତ୍ୱ ଅନ୍ୟ କେଉଁଆଡୁ ଆସିନାହିଁ । ଏହା ହିଁ ଓଡ଼ିଆ ଜାତିର ଇତିହାସରେ ସମ୍ବଲପୁରର ଗୌରବମୟ ସ୍ଥାନ ।"

ଓଡ଼ିଆ ଭାଷା ସୁରକ୍ଷା ପାଇଁ ସମ୍ବଲପୁର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ପ୍ରଥମେ ସମ୍ବଲପୁରରୁ ହିଁ ଆନ୍ଦୋଳନର ସୂତ୍ରପାତ୍ର ହୋଇଥିଲା । ଯେତେଦିନ ପର୍ଯ୍ୟନ୍ତ ଓଡ଼ିଆ ଭାଷା, ସାହିତ୍ୟ ବଞ୍ଚି ରହିଥିବା ସେତେ ଦିନ ପର୍ଯ୍ୟନ୍ତ ସମ୍ବଲପୁରର ଐତିହାସିକ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଥିବ ।

**ସଂକେତ ସୂଚୀ:**

୧ପାଢ଼ୀ ଶଙ୍କର ପ୍ରସାଦ ଓ ସୂପକାର ଶ୍ରଦ୍ଧାକର -, ସମ୍ବଲପୁରରେ ଭାଷା ଆନ୍ଦୋଳନ । ତୃତୀୟ ସଂସ୍କରଣ, କଟକ ଟ୍ରେଡିଂ କମ୍ପାନୀ, ବାଲୁବଜାର,କଟକ। ପୃଷ୍ଠା ୨୦୧୧-: ୨୦

୨ ମେହେର ଗଙ୍ଗାଧର -, ଭାରତୀ ରୋଦନ ଗଙ୍ଗାଧର ଗ୍ରନ୍ଥାବଳୀ : (ଗଣେଶରାମ ନାହାକ ଓ ଡକ୍ଟର ସୁଶୀଳ କୁମାର ବାଗ୍ :ସଂପାଦନା), ପ୍ରଥମ ସଂସ୍କରଣ, ପ୍ରକାଶକସତ୍ୟନାରାୟଣ ବୁକ୍ ଷ୍ଟୋର୍ :,ବିନୋଦବିହାରୀ,କଟକ-୭୫୩୦୦୨, ୨୦୧୩, ପୃଷ୍ଠା। ୪୯୬-୪୯୫:

**ସହାୟକ ପୁସ୍ତକ ସୂଚୀ:**

[୧] ପାଢ଼ୀ ଶଙ୍କର ପ୍ରସାଦ ଓ ସୂପକାର ଶ୍ରଦ୍ଧାକର, ସମ୍ବଲପୁରରେ ଭାଷା ଆନ୍ଦୋଳନ । ତୃତୀୟ ସଂସ୍କରଣ, କଟକ ଟ୍ରେଡିଂ କମ୍ପାନୀ, ବାଲୁବଜାର, କଟକ। ୨୦୧୧-

[୨] ମିଶ୍ର ଶ୍ରୀପତି, ଶିମଳା ଯାତ୍ରା । ତୃତୀୟ ସଂସ୍କରଣ, ପ୍ରକାଶକଡକ୍ଟର : ଗିରଜା ଶଙ୍କର ତ୍ରିପାଠୀ, ଇଂ କରୁଣାକର ସୂପକାର, ସମ୍ବଲପୁର। ୨୦୦୩-

[୩] ମେହେର ଗଙ୍ଗାଧର, ଗଙ୍ଗାଧର ଗ୍ରନ୍ଥାବଳୀ ଗଣେଶରାମ :ସଂପାଦନା) ନାହାକ ଓ ଡକ୍ଟର ସୁଶୀଳ (କୁମାର ବାଗ୍, ପ୍ରଥମ ସଂସ୍କରଣ, ପ୍ରକାଶକସତ୍ୟନାରାୟଣ ବୁକ୍ ଷ୍ଟୋର୍ :, ବିନୋଦବିହାରୀ, କଟକ-୭୫୩୦୦୨, ୨୦୧୩ ।